# Akashvani, Sambalpur

# SAMBALPURI NEWS MORNING BULLETIN

## 29 May 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବିଜେପି ସର୍‌କାର୍‌କେ ୨ ବଛର୍ ପୁର୍‌ବାର୍‌କେ ଯାଉଥିବାର୍ ବେଲେ ଇ ଅବ୍‌ସରେ ଆଏବା ଜୁନ୍ ୧୨ ତାରିଖ୍ ଗୁଟେ ଭବ୍ୟ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ଇଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି ଗୁଟେ ଜନସଭାକେ ସମ୍ବୋଧନ୍ କର୍‌ବେ । ଇତାର୍‌ସହେତେ ବିକଶିତ୍ ଓଡ଼ିଶା, ବିକଶିତ୍ ଭାରତ୍ ଲକ୍ଷ୍ୟ ଲାଗି ରାଜ୍ୟ ସର୍‌କାର୍‌ଙ୍କୁ ମାର୍ଗଦର୍ଶନ୍ ଦେବେ । ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଯୋଗ୍ ଦେବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସ୍ୱଷ୍ଟ କରିଛନ୍ । ଗଲାକାଏଲ୍ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ତାଙ୍କର୍ ନୂଆଦିଲ୍ଲୀ ଗସ୍ତ ସମିଆଥି ସେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଭେଟିକରି

ସର୍କାର୍ଙ୍କର୍ ୨ ବଛର୍ ପୂର୍ତି ପାଲନ୍ ସମାରୋହଥି ଯୋଗ୍ ଦେବାର୍କେ ନିଉତା ଦେଇଥିଲେ ଆଉ ପ୍ରଧାନ୍ମନ୍ତ୍ରୀ ସମାରୋହଥି ଯୋଗ୍ ଦେବାର୍ ଲାଗି ଓଡ଼ିଶା ଆସ୍ବେ ବଲି ପ୍ରଧାନ୍ମନ୍ତ୍ରୀଙ୍କର୍ କାର୍ଯ୍ୟାଲୟ ତର୍ଫୁ ସୂଚ୍ନା ମିଲିଛେ ।

ଓଡ଼ିଶା ବିଜେପି ସର୍କାର୍ ୨ ବଛର୍ ଆର୍ଏନ୍ୟୁ/ କଟକ୍

ଭୁବନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ବିଜେପି ସର୍କାର୍ର ୨ ବଛର୍ ପୂର୍ତି ପ୍ରାକ୍ ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍ଥି ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିଭାଗ୍ର ସଫଲତା ଆଉ ଉପଲବ୍ଧି ବାବ୍ଦେ ବିଭାଗୀୟ ସଚିବମାନ୍କର୍ ସହେତେ ଆଲୋଚନା କରିଛନ୍ । ବୈଠକ୍ଥି ମୁଖ୍ୟମନ୍ତ୍ରୀ ସର୍କାର୍ଙ୍କର୍ ଆଭିମୁଖ୍ୟ, ଜନକଲ୍ୟାଣ୍କାରୀ ଯୋଜ୍ନା ଆଉ ତାର୍ ସୁଫଲ୍ ବିଷେଥି ଯେନ୍ତା ସାଧାରଣ୍ ଲୋକ୍ ସୂଚ୍ନା ପାଇପାର୍ବେ, ସେଥିର୍ଲାଗି ପଦକ୍ଷେପ୍ ନେବାର୍କେ ନିର୍ଦ୍ଦେଶ୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

୧୧,୧୨ କ୍ଲାସ୍ ବହି-ଓଡ଼ିଆ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟର ଏକାଦଶ ଆଉ ଦ୍ୱାଦଶ ଶ୍ରେଣୀର୍ ବିଜ୍ଞାନ୍ ଛାତ୍ରଛାତ୍ରୀ ଓଡ଼ିଆ ଭାଷାଥି ତିଆର୍ ହେଇଥିବା ବହି ପଢ୍‌ବେ । ଓଡ଼ିଆଥି ପଢ଼ା ବହି ତିଆର୍ କର୍‌ବାର୍ ସହେତେ ଜିଲ୍ଲା ଶିକ୍ଷା ଅଧିକାରୀ ଡି.ଇ.ଓ.ଙ୍କର୍ ଜରିଏ ରାଜ୍ୟର୍ ୭ ଶହ ଟା ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟ ପାଠାଗାର୍‌କେ ବହି ଯୁଗେଇ ଦିଆଯାଇଛେ । ଇତାର୍‌ସହେତେ କଲେଜ୍ ଅଧ୍ୟକ୍ଷ ଆଉ ବିଜ୍ଞାନ୍ ଶିକ୍ଷକ୍ ମାନ୍‌କର୍ ଲାଗି ଖାସ୍ ତାଲିମ୍ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଥିବା ଓଡ଼ିଆ ଅଧ୍ୟୟନ୍ ଆଉ ଗବେଷଣା ସଂସ୍ଥା ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଉପପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ୧୭ ଟା ଯାକ ବିଶ୍ୱବିଦ୍ୟାଳୟ ନ ଝନେ ଲେଖା ଉପପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ପାଏବେ । ଇହାଦେ ୧୧ ଟା ବିଶ୍ୱବିଦ୍ୟାଳୟ ନ ୧୨ ଟା ଉପପରୀକ୍ଷା ନିୟନ୍ତ୍ରକ ପଦ୍‌ବୀ ରହିଛେ । ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ନ ଖାଲି ୨ ଟା ପଦ୍‌ବୀ ଥିବାର୍ ବେଲେ ଅଲ୍‌ଗା ୧୦ ଟା ବିଶ୍ୱବିଦ୍ୟାଳୟ ନ ଗୁଟେ ଲେଖା

ରହିଛେ । ରାଜ୍ୟର୍ ଆଉ ୬ ଟା ବିଶ୍ୱବିଦ୍ୟାଳୟ ନ ଇ ପଦ୍‌ବୀ ନାଇଁଥିବାର୍ ବେଲେ ଇହାଦେ ଗୁଟେ ଲେଖା ନୂଆଁ ଉପ ପରୀକ୍ଷା ନିୟନ୍ତ୍ରକ ପଦ୍‌ବୀ ତିଆର୍ କରାଯାଇଛେ । ଇଥିର୍‌ଲାଗି ବିଶ୍ୱବିଦ୍ୟାଳୟ ପରୀକ୍ଷା ପରିଚାଳନା ଠିକ୍ ଭାବେ ହେଇପାର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଏସଆଇଆର୍ ପ୍ରସ୍ତୁତି ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ନ ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସଆଇଆର୍ କାର୍ଯ୍ୟକ୍ରମ୍ ଲାଗି ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଆଏବା କାଏଲ୍‌ଠାନୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘର୍ ଘର୍ ଯାଇକରି ତଥ୍ୟ ଠୋଲ୍ ମୁଲ୍ କର୍‌ବେ । ଜିଲ୍ଲାର୍ ଇ.ଆର୍.ଓ., ଏ.ଇ.ଆର୍.ଓ. ଆଉ ବିଏଲ୍‌ଓ ମାନ୍‌କୁ ତାଲିମ୍ ଦିଆଯାଇସାରିଛେ ଆଉ ଭାରତ୍ ନିର୍ବାଚନ୍ ଆୟୋଗଙ୍କର୍ ସବୁ ନିର୍ଦ୍ଦେଶାବଳୀ ଅନ୍‌ସାରେ କାମ୍ ଚାଲିଛେ ବଲି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ସୂଚ୍‌ନା ଦେଇଛନ୍ । ରାଏଜେ ହଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ତଥ୍ୟ ଠୁଲାବାର୍ କାମ୍ ଦିନର୍ ୧ ବଜେତକ୍ ସାର୍‌ବାର୍

ଆଉ ବେଲ୍‌ବୁଡ଼େ ନିଜର୍ ସୁବିଧା ହିସାବେ କର୍‌ବାର୍‌କେ ରାଜ୍ୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଇଣ୍ଡିଆନ୍ ଓପନ୍ ପାରା ଆଥ୍‌ଲେଟିକ      ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଙ୍ଗାଲୁରୁ ତାନ୍ତିରବା ଷ୍ଟାଡ଼ିୟମ୍ ନ ଗଲା ୨୬ ତାରିଖ୍‌ନୁ ମୁଲ୍ ହେଇଥିବା ଇଣ୍ଡିଆନ୍ ଓପନ୍ ପାରା ଆଥ୍‌ଲେଟିକ୍ ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ପ୍ରତିଯୋଗିତାଥି ଓଡ଼ିଶା ଦଲ୍ ୧୮ ଟା ପଦକ୍ ଜିତିଛେ । ସେଥିର୍ ଭିତ୍‌ରେ ୮ ଟା ସ୍ୱର୍ଣ୍ଣ, ୬ ଟା ରୌପ୍ୟ ଆଉ ୪ ଟା କାଂସ୍ୟ ପଦକ୍ ସାମିଲ୍ ଅଛେ । ଜାପାନ୍‌ର ନାଗୋୟା ଠାନେ ଇ ବଛର୍ ହେବାର୍‌କେ ଥିବା ଏସୀୟ ପାରା କ୍ରୀଡ଼ା ଲାଗି ଇ ପ୍ରତିଯୋଗିତା ଗୁଟେ ଚୟନ ଶିବିର୍ ଭାବେ ମାଏନ୍‌ତା ପାଇଛେ ।

ସୁବର୍ଣ୍ଣପୁର୍- କାଲ୍‌ବୈଶାଖୀ      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲାକାଏଲ୍ କାଲ୍‌ବୈଶାଖୀର୍ ବଲେ ଜବର୍ ଧୁକାଗର୍ଡ଼ି, ବର୍ଷା ଆଉ କରାମାଡ଼୍ ହେଇଛେ । ଜିଲ୍ଲାର୍ ୫୭ ନମ୍ବର୍ ଖୋର୍ଦ୍ଧା, ବଲାଙ୍ଗିର୍, ଜାତୀୟ ରାଜ୍‌ପଥ୍ ସହେତେ ମୁଖିଆ ରାସ୍ତା ଉପ୍‌ରେ ବଡ଼ ବଡ଼ ଗଛ୍ ପଡ଼୍‌ବାର୍‌ନୁ ଯା'ଆସ୍ ପୁରାପୁରି ବନ୍ଦ୍ ହେଇଥିଲା । ଜିଲ୍ଲା ପ୍ରଶାସନ୍‌ର ନିର୍ଦ୍ଦେଶ୍‌ଥି ସହରର୍ ପ୍ରଭାବିତ୍ ଇଲାକା ନ ଅଗ୍ନିଶମ ବାହିନୀ ଆଉ ସ୍ଥାନୀୟ ଲୁକଙ୍କର୍ ଚେଷ୍ଟାଥି ଗଛ୍ କାଟିକରି ସଫା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ୧୨ ଟା ଜିଲ୍ଲା ନ ଜବର୍ ଗରବ୍ ଆଉ ଗୁଲ୍‌ଗୁଲି ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ କାଲ୍‌ବୈଶାଖୀ ଆଉ ଜବର୍ ବର୍ଷା ହେବା ବଲି ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ୧୩ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ

ଧୁଳାଗର୍ଦ୍ଦି ହେବାର୍ ସମ୍ଭାବନା ରହିଛେ । ଇ ସମିଆଥି ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ମତ୍ସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ଯିବାର୍‌କେ ମନା କରାଯାଇଛେ । ଆଏବା କିଛି ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ସେଲ୍‌ସିଅସ୍‌ତକ୍ କମ୍‌ବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଜବର୍ ଖରା ପରିସ୍ଥିତିକେ ନଜର୍‌ଥି ରଖିକରି ସାଧାରଣ୍ ଲୁକ୍‌କୁ ସତର୍କ ରହେବାର୍ ସହେତେ ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ପରାମର୍ଶ ଦେଇଛନ୍ ।